# ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର ୧/୯/୨୦୧୬ : ଆଜି ରାଜଧାନୀସ୍ଥିତ ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ (ଆଇ.ଏମ୍.ଏସ୍.) ପକ୍ଷରୁ ୨୦୧୬ - ୧୭ ପାଠ୍ୟବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏହି ଉପଲକ୍ଷେ ଅନୁଷ୍ଠିତ "ବୃତିଗତ ଶିକ୍ଷାର ଧାରା" ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଦୈନିକ ଓଡ଼ିଆ ଖବର କାଗଜ ସମ୍ବାଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବାମାପଦ ତ୍ରିପାଠୀ ଛାତ୍ରଛାତ୍ରୀ ମାନଙ୍କୁ କଠିନ ପରିଶ୍ରମ କରିବା ଓ ବିଭିନ୍ନ ବୃତିଗତ କୌଶଳ ଆପଣେଇବା ପାଇଁ ଉପଦେଶ ଦେଇଥିଲେ ।

ବର୍ତମାନ ବିଜ୍ଞାନ ଓ ପ୍ରଜୁକ୍ତି ବିଦ୍ୟା ଯୁଗରେ ଛାତ୍ରଛାତ୍ରୀମାନେ ବହୁମୁଖୀ ପ୍ରତିଭାର ଅଧିକାରୀ ହୋଇପାରିଲେ ସେମାନେ ବୃତିଗତ ଜୀବନରେ ସଫଳତା ପାଇପାରିବେ ବୋଲି ଶ୍ରୀଯୁକ୍ତ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ ।

ଅନ୍ୟତମ ଅତିଥିଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଓ ଓଡ଼ିଶା ଲାଇଭ୍‌ର ମୁଖ୍ୟ ନିଳାମ୍ବର ରଥ ସାମାଜିକ ଗଣମାଧ୍ୟମ ଯଥା ଫେସ୍‌ବୁକ୍, ଟ୍ୱିଟର୍ ଓ ୟୁଟ୍ୟୁବ୍ ଇତ୍ୟାଦିର ସଠିକ ବ୍ୟବହାର  ଉପରେ ଗୁରୁତ୍ୱାରୋପ କରିଥିଲେ । ଡିଜିଟାଲ ଗଣମାଧ୍ୟମ ବର୍ତମାନ ସମୟରେ ଅଧିକ ସମ୍ଭାବନା ସୃଷ୍ଟି କରିଥିବା ବେଳେ ଏହାର ଚାହିଦା ଦିନକୁ ଦିନ ବଢିବାରେ ଲାଗିଛି ବୋଲି ସେ କହିଥିଲେ ।

ଏହି ଅବସରରେ ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ ସେମାନଙ୍କର ସଫଳ ଭବିଷ୍ୟତ ପାଇଁ ବକ୍ତାମାନେ କାମନା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଅକ୍ସଫାମ ଇଣ୍ଡିଆର ଓଡ଼ିଶା ମୁଖ୍ୟ ଅକ୍ଷୟ ବିଶ୍ୱାଳ ଛାତ୍ରଛାତ୍ରୀ ମାନଙ୍କର ବ୍ୟକ୍ତିଗତ ଗୁଣର ବିକାଶ ଉପରେ ଗୁରୁତ୍ୱ ଦେବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ ।

ଆଇ.ଏମ୍.ଏସ୍.ର ନିର୍ଦ୍ଦେଶକ ଉପେନ୍ଦ୍ର ପାଢୀ ଓ ଅନୁଷ୍ଠାନର ବିଭିନ୍ନ ବିଭାଗର ମୁଖ୍ୟମାନେ ପାଠ୍ୟକ୍ରମ ଉପରେ ବିଷଦ୍ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଉତ୍ସବରେ ଅନୁଷ୍ଠାନର ଚାରୋଟି ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।